# ଆଜି ଅନୁଗୋଳରୁ ୯ ଜଣ କରୋନା ପଜିଟିଭ ଚିହ୍ନଟ ।

## - ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୪୨୭ରେ ଓ ମୃତ୍ୟୁ ସଂଖ୍ୟା ପହଞ୍ଚିଲା ୪ ରେ ।

ଅନୁଗୋଳ,ତା.୯.୮:-ଆଜି ଅନୁଗୋଳ ଜିଲ୍ଲାରୁ ୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ପଜିଟିଭ ସଂଖ୍ୟା ପହଞ୍ଚିଲା ୪୨୭ରେ ଓ ଜଣେ ମୃତ୍ୟୁବରଣ କରିଥିବାରୁ କରୋନା ଜନିତ ମୃତ୍ୟୁ ସଂଖ୍ୟା ପହଞ୍ଚିଲା ୪ ରେ । ଆଜି ଆକ୍ରାନ୍ତ ହୋଇଥିବା ୯ ଜଣଙ୍କ ମଧ୍ୟରେ ତାଳଚେର ଓ ବଅଁରପାଳ ବ୍ଲକ୍ ଅଂଚଳରୁ ୩ ଜଣ ଲେଖାଏଁ, ଅନୁଗୋଳ ପୌରାଂଚଳରୁ ୨ ଜଣ ଓ ଜଣେ କଣିହାଁ ବ୍ଲକ୍ ଅଂଚଳର ଅଟନ୍ତି । ତାଳଚେର ବ୍ଲକ୍ ଅଂଚଳରୁ ଚିହ୍ନଟ ହୋଇଥିବା ୩ ଜଣଙ୍କ ମଧ୍ୟରୁ ଜଣେ ୩୫ ବର୍ଷିୟ ପୁରୁଷ ତାଳଚେର ଅଂଚଳର ଏକ ହସପିଟାଲରେ ଚିକିତ୍ସାଧିନ ଥିବାବେଳେ ଜଣେ ୨୭ ବର୍ଷିୟ ପୁରୁଷ ଆନ୍ଧ୍ରପ୍ରଦେଶରୁ ଫେରି ହୋମ କ୍ୱାରାଣ୍ଟାଇନ୍‌ରେ ଥିଲେ । ସେହିପରି ଜଣେ ୩୦ ବର୍ଷିୟା ମହିଳା ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବାର ଜଣାପଡିଛି । ବଅଁରପାଳ ବ୍ଲକ୍ ଅଂଚଳର ଏକ ଶିଳ୍ପାଂଚଳରୁ ଚିହ୍ନଟ ହୋଇଥିବା ୩ ଜଣ ପୁରୁଷଙ୍କ ବୟସ ଯଥାକ୍ରମେ ୨୬, ୨୮ ଓ ୩୫ ବର୍ଷ ଅଟେ । ୨୬ ବର୍ଷିୟ ପୁରୁଷ ହାଇଦ୍ରାବାଦରୁ ,୨୮ ବର୍ଷିୟ ପୁରୁଷ ବିହାରରୁ ଓ ୩୫ ବର୍ଷିୟ ପୁରୁଷ ସୁନ୍ଦରଗଡରୁ ଫେରି ଏକ ସଂସ୍ଥାର କ୍ୱାରାଣ୍ଟାଇନ୍‌ରେ ଥିଲେ । ଅନୁଗୋଳ ପୌରାଂଚଳରୁ ଚିହ୍ନଟ ହୋଇଥିବା ୨ ଜଣଙ୍କ ମଧ୍ୟରେ ଜଣେ ୨୬ ବର୍ଷିୟ ପୁରୁଷ ଯାଜପୁର ଓ ଜଣେ ୨୩ ବର୍ଷିୟା ମହିଳା ଗଂଜାମରୁ ଫେରି ପେଡ୍ କ୍ୱାରାଣ୍ଟାଇନ୍‌ରେ ଥିଲେ । ସେହିପରି କଣିହା ବ୍ଲକ୍ ଅଂଚଳର ଏକ ଶିଳ୍ପାଂଚଳରୁ ଚିହ୍ନଟ ହୋଇଥିବା ଜଣେ ୨୫ ବର୍ଷିୟ ପୁରୁଷ ଉତ୍ତରପ୍ରଦେଶରୁ ଫେରି ଏକ ସଂସ୍ଥାର କ୍ୱାରାଣ୍ଟାଇନ୍‌ରେ ଥିଲେ । ଏହି ୯ ଜଣ ଆକ୍ରାନ୍ତଙ୍କୁ ଆଜି ଚିକିତ୍ସା ନିମନ୍ତେ ତାଳଚେର କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଆଜି ଜିଲ୍ଲାରେ ୪ର୍ଥ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି । ପୂର୍ବରୁ ପଜିଟିଭ ଚିହ୍ନଟ ହୋଇଥିବା ଏହି ୪୪ ବର୍ଷିୟା ମହିଳା ତାଳଚେର ବ୍ଲକ୍ ଅଂଚଳର ଓ ସେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ଇତି ମଧ୍ୟରେ ୧୪ଜଣ ସୁସ୍ଥ ହୋଇଛନ୍ତି । ପୂର୍ବରୁ ସୁସ୍ଥ ହୋଇଥିବା ୩୦୫ ଜଣଙ୍କୁ ମିଶାଇ ସୁସ୍ଥଙ୍କ ସଂଖ୍ୟା ୩୧୯ ରେ ପହଂଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୫୧୩ ତା.୯.୮.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

[signature] ୯।୮।୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ